# ଆଜି ଅନୁଗୋଳ ଆସୁଛନ୍ତି ମୋଦି



- ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ପାଇଁ କରିବେ ଭୋଟ ଭିକ୍ଷା
- ସଭାସ୍ଥଳ ପରଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ସୁରକ୍ଷାରେ ଶହେ ଅଧିକାରୀଙ୍କ ସହ ୧୪ ପ୍ଲାଟୁନ୍ ଫୋର୍ସ

**ଅନୁଗୋଳ,୧୯।୫ (ଅମିତ କୁମାର ସାମଲ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅନୁଗୋଳ ଆସିବେ। ନାଲ୍‌କୋନଗରସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଦଳ ପକ୍ଷରୁ କରାଯିବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ମୋଦି ଢେଙ୍କାନାଳ ଓ ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ। ଏ ନେଇ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଯାଇଥିବା ବେଳେ ରବିବାର ସଭାସ୍ଥଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇସାରିଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସନ୍ଧ୍ୟାରେ ସଭାସ୍ଥଳ ପରିଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆସୁଥିବାରୁ ସୁରକ୍ଷା ଦାୟିତ୍ୱରେ ଶହେ ଅଧିକାରୀଙ୍କ ସହ ୧୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି।

କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନ ୧୦ଟା ୫ ମିନିଟ୍‌ରେ ହେଲିକପ୍ଟରରୁ ଅବତରଣ କରିବେ। ଏହାପରେ ସିଧାସଳଖ ସଭାସ୍ଥଳକୁ ଯିବେ। ଏକ ଘଣ୍ଟା କାର୍ଯ୍ୟକ୍ରମରେ ରହିବା ପରେ ୧୧ଟା ୫ରେ ସେ କଟକ ଅଭିମୁଖେ ଯିବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ଅନୁଗୋଳ ଆସୁଥିବାରୁ ଢେଙ୍କାନାଳ ଓ ସମ୍ବଲପୁର ଲୋକ ସଭା ଏବଂ ବିଧାନସଭା କ୍ଷେତ୍ରର ପ୍ରାର୍ଥୀମାନେ ଉତ୍ସାହିତ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରବିବାର ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଭାସ୍ଥଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ଦିଲୀପ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟନେତାମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଢେଙ୍କାନାଳ ଓ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ରହିଥିବା ପ୍ରାର୍ଥୀମାନଙ୍କ ପାଇଁ ଗୋଟିଏ ଯୌଥ ସାଧାରଣ ସଭା ଅନୁଗୋଳର ନାଲକୋନଗରୀରେ ହେବ। ଏହାର ପ୍ରସ୍ତୁତି ପୂର୍ଣ୍ଣାଙ୍ଗ ହୋଇସାରିଛି। ଏଠାରେ ଲକ୍ଷାଧିକ ଲୋକ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣିବେ। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ସହ ଅନୁଗୋଳ ଏସ୍‌ପି ଉମା ଶଙ୍କର ଦାସ ଓ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ବୈଠକ କରିଥିଲେ। କେଉଁ ଅଧିକାରୀ କେଉଁ ଦାୟିତ୍ୱରେ ରହିବେ, କାହାକୁ କେଉଁଠାରେ ନିୟୋଜିତ କରାଯିବ, ସେ ନେଇ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥା ଠାରୁ ଆରମ୍ଭ କରି ହେଲିପ୍ୟାଡ୍, ଆଇନ୍ ଶୃଙ୍ଖଳା ଓ ଲୋକମାନେ କିଭଳି ସଭାସ୍ଥଳକୁ ଆସିବେ ସେଥିପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯିବ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜେ ସେଥିପ୍ରତି ପୋଲିସ ଯତ୍ନବାନ ହୋଇଥିବା ଆଇଜି ଭୋଇ କହିଛନ୍ତି।



## ବାଇକ୍‌ରୁ ପଡ଼ି ଜଣେ ମୃତ, ଜଣେ ଗୁରୁତର

**ଛେଣ୍ଡିପଦା,୧୯।୫(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା-କୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତାର କୋଶଳା ଜଙ୍ଗଲ ନିକଟ ପଥରନାଳ ଠାକୁରାଣୀଙ୍କ ପୀଠସ୍ଥଳ ଛକ ପାଖରେ ଥିବା ବୁଲାଣିରେ ଶନିବାର ବିଳମ୍ବିତ ରାତିରେ ବାଇକ୍‌ରୁ ପଡ଼ି ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୋଶଳା କୁରୁମିଡ଼ିପ ସାହିର ସମୀର କୁମାର ସାହୁ(୨୬)। ଗୁରୁତର ସମୀର ପ୍ରଧାନ(୨୬)ଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ଘଟଣାରୁ ପ୍ରକାଶ, କୋଶଳା କୁରୁମିଡ଼ିପ ସାହିର ଦୁଇ ସାଙ୍ଗ ସମୀର କୁମାର ସାହୁ ଓ ସମୀର ପ୍ରଧାନ ତାଳଚେରରୁ କାର୍ଯ୍ୟ ସାରି ଗୋଟିଏ ବାଇକ୍‌ରେ ଫେରୁଥିଲେ। ରାତି ପ୍ରାୟ ୨ଟା ବେଳେ କୋଶଳା-କୁମୁଣ୍ଡା ରାସ୍ତାର ବାଗିହାପୁର ଛକ ପାଖ ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇ ଏକ ବୁଦା ମୂଳକୁ ଛିଟିକି ପଡ଼ିଥିଲେ। ପରିବାର ଲୋକେ ସକାଳ ସୁଦ୍ଧା ଉଭୟଙ୍କ ଖୋଜ ଖବର ନ ପାଇ ଫୋନ ଟ୍ରାକିଂ କରି ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମୀର ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଗୁରୁତର ସମୀର ପ୍ରଧାନଙ୍କୁ ଅନୁଗୋଳ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିସକୁ ଖବର ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିତଦନ୍ତ ଚଳାଇଛି।

# ମତଦାତା ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ୧୯।୫ (ଅମିତ କୁମାର ସାମଲ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଶିଷ୍ଟ ବ୍ୟକ୍ତିମାନେ।

ଅନୁଗୋଳ ଜିଲାର ସମସ୍ତ ସାଂସ୍କୃତିକ, ସାମାଜିକ, ଧାର୍ମିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହଯୋଗରେ କ୍ୟାଟ ତରଫରୁ ଏକ ମତଦାତା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଭାରତର ସଚେତନ ନାଗରିକମାନେ ଗଣତନ୍ତ୍ରର ସୁରକ୍ଷା ପାଇଁ ତଥା ଦେଶର ହିତ ପାଇଁ ଶତ ପ୍ରତିଶତ ମତଦାନ କଲେ ଦେଶ ପ୍ରଗତି ପଥରେ ଅଗ୍ରଗତି କରିବ ବୋଲି କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଥିଲେ।

ସଭା ଆରମ୍ଭରେ କ୍ୟାଟ ଅନୁଗୋଳ ଶାଖା ଚେୟାରମ୍ୟାନ ରାଜ କୁମାର ଶୁକ୍ଳା ସ୍ୱାଗତ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ତଥା କ୍ୟାଟ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜିତେନ୍ଦ୍ର ଗୁପ୍ତା ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ ସମସ୍ତେ ସକ୍ରିୟ ଭାବେ ସହଯୋଗ କରିବା ତଥା ନିଜ ଆଖପାଖରେ ରହୁଥିବା ବ୍ୟକ୍ତିମାନଙ୍କୁ ମତଦାନ କେନ୍ଦ୍ରକୁ ଆଣି ଭୋଟ ଦେବା ପାଇଁ ଲୋକମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରିଥିଲେ। ନିର୍ବାଚନ କମିଶନଙ୍କ ବିଭିନ୍ନ ନିୟମ ସମ୍ପର୍କରେ ଦାଶ ବିଶଦ ଭାବେ ଆଲୋଚନା କରିଥିଲେ। କ୍ୟାଟ ଅଧ୍ୟକ୍ଷ କମଲ କୁମାର ଅଗ୍ରୱାଲ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରାମକୃଷ୍ଣ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅନୁଗୋଳର ପ୍ରମୁଖ ସାମାଜିକ ଅନୁଷ୍ଠାନ ତଥା ଆଧ୍ୟାତ୍ମିକ ଅନୁଷ୍ଠାନ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଯୋଗ ସମିତି, ଆଦିତ୍ୟ ବାହିନୀ, ଗାୟତ୍ରୀ ପରିବାର, ଅଶ୍ମୁ, ମାରୁୱାଡ଼ି ଯୁବମଞ୍ଚ, ଏଫଇଏସ, ବିକଳ୍ପ ବିକାଶ, ଡୋଭ, ମାରୱାଡ଼ି ମହିଳା ସମିତିର ସଦସ୍ୟା ସଦସ୍ୟମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଏ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କ ନିର୍ବାଚନ ସମୀକ୍ଷା

**ଅନୁଗୋଳ ୧୯।୫ (ଅମିତ କୁମାର ସାମଲ)**

ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ଆରକ୍ଷୀ ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର ଓ ସ୍ୱତନ୍ତ୍ର ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳନି କଶ୍ୟପ ରବିବାର ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ସମ୍ପର୍କିତ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପ୍ରଥମେ ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଓ ଆରକ୍ଷୀ ଅଧୀକ୍ଷକ ଉମା ଶଙ୍କର ଦାଶ ଜିଲାର ନିର୍ବାଚନୀ ପ୍ରସ୍ତୁତି ତଥ୍ୟ ଯଥା ନିର୍ବାଚନ ପ୍ରଶିକ୍ଷଣ, ମତଦାନ କେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା, ନିର୍ବାଚନ ଖର୍ଚ୍ଚର ଆକଳନ, ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା, ଭୋଟର ସଚେତନ କାର୍ଯ୍ୟକ୍ରମ, ଭୋଟ ଗଣତି ଆଦି ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ସେହିପରି, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ନିର୍ବାଚନ ପରିଚାଳନା କରିବା ନିମନ୍ତେ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପର୍ଯ୍ୟବେକ୍ଷକ ପଦ୍ମମ ସିଂ ଆଲ୍ଲା, ସୁରେଶ କୁମାର ଓଲା, ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ କେଶବ କାପଲୁଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଘର ଘର ବୁଲି ଭୋଟ ଭିକ୍ଷା କଲେ ସୁଶାନ୍ତ

**ଛେଣ୍ଡିପଦା,୧୯।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ୧୭ନଂ ଜୋନ୍ ପରଙ୍ଗ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଏହି ଅବସରରେ ଏକ ମୋଟରସାଇକେଲ ଶୋଭାଯାତ୍ରା ଭୂବନପୁର, ରାମଡିହ, ବାସୁଦେବପୁର ଓ ପରଙ୍ଗରେ କରାଯାଇଥିଲା। ଛେଣ୍ଡିପଦା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ତ କୁମାର ବେହେରା, ସୁବାସ ମହାଖୁଡ, ରାମଚନ୍ଦ୍ର ସାମଲ, ବଳରାମ ବେହେରା, ଭାବଗ୍ରାହୀ ନାଥ, ନରେନ୍ଦ୍ର କୁମାର କରଣ, ସରୋଜ ନାୟକ ଓ ସମିତିସଭ୍ୟା ସୁଜାତାରଣୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।



# କୁରୁମିଡ଼ିପରେ ସଂକୀର୍ତ୍ତନ ମହୋତ୍ସବ, ବାଦଦଣ୍ଡ

**ଛେଣ୍ଡିପଦା,୧୯।୫ (ଅଜିତ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର କୁରୁମିଡ଼ିପ ସାହିରେ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ ଓ ବାଦଦଣ୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ କୁରୁମିପ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଗ୍ରାମର ଆଖ ପାଖରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଏହି ଅବସରରେ ବହୁ ସୁନାମଧନ୍ୟ ସଂକୀର୍ତ୍ତନ କଳାକାରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ ସଭାପତି ଧନେଶ୍ୱର ପ୍ରଧାନ, ସମ୍ପାଦକ ଗଗନ ବିହାରି ସାହୁ, କମିଟି ସଭାପତି ସୁବ୍ରତ ସାହୁ(ଲିପୁ), ସମ୍ପାଦକ ସତ୍ୟଜିତ ସାହୁ, ପ୍ରଶାନ୍ତ ପ୍ରଧାନ, ବେହେରା ଯୁଧିଷ୍ଠିର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଯୁବ ଗୋଷ୍ଠୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ରାତିରେ ଢେଙ୍କାନାଳର ସରପା ଓ ଅନୁଗୋଳ ବଳରାମପ୍ରସାଦର ଦଣ୍ଡ ଦଳଙ୍କ ମଧ୍ୟରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା।

# ବନ୍ତଳା ଅଞ୍ଚଳରେ ଅମ୍ବିକା ଭଞ୍ଜଙ୍କ ପ୍ରଚାର

**ଅନୁଗୋଳ,୧୯।୫ (ଅମିତ କୁମାର ସାମଲ)**

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅମ୍ବିକା ପ୍ରସାଦ ଭଞ୍ଜ ରବିବାର ବନ୍ତଳା ଅଞ୍ଚଳରେ ପ୍ରଚାର କରିଛନ୍ତି। ସ୍ଥାନୀୟ ବେଡା ଛକଠାରୁ ଏକ ବାଇକ୍ ରାଲିରେ ବାହାରି ବନ୍ତଳା ଛକ ଦେଇ, ଧୁକୁଟା, ପୁକଡୁଙ୍ଗା, ଶଙ୍ଖପୁର, ଖାଲଗାଁ, ଖୁଣ୍ଡା, ବଣାବିରା, ମହିଧରପଡା, ଜାମୁଣ୍ଡା, ସାନକନ୍ତକୁଳ, ବଡକନ୍ତକୁଳ ଅଞ୍ଚଳରେ ପ୍ରଚାର କରିଥିଲେ। ଏହି ରାଲିରେ ପୂର୍ବତନ ଜିଲା ସଭାପତି ସଂଗ୍ରାମ ମିଶ୍ର, ଜିଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ପ୍ରଦେଶ ସୋନିଆ ବ୍ରିଗେଡ ଅଧ୍ୟକ୍ଷ ପ୍ରମୋଦ ସାହୁ, ଜିଲା ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ପୂର୍ବତନ ଜିଲାପରିଷଦ ସଦସ୍ୟ ବେଣୁଧର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ରାକେଶ ମିଶ୍ର, ସାହିଲ ପ୍ରଧାନ ପ୍ରମୁଖ ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।



# ରାସ୍ତା ପାର୍ଶ୍ୱରେ ହାଟ, ଟ୍ରାଫିକ ଜାମ

**ବଇଣ୍ଡା,୧୯।୫ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଠାରେ ହେଉଥିବା ପୁରାତନ ସାପ୍ତାହିକ ହାଟ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରବିବାର ଦିନ ବସିଥିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏପରିକି ଅନେକ ଟ୍ରକ୍ ଅଟକି ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ବାରମ୍ବାର ରାସ୍ତା ପାର୍ଶ୍ୱରେ ଏହି ହାଟ ବସୁଥିଲେ ମଧ୍ୟ ବଇଣ୍ଡା ଫାଣ୍ଡି ପୋଲିସ ପଦକ୍ଷେପ ନେଉ ନ ଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଦୀର୍ଘ ୫୦ ବର୍ଷରୁ ଅଧିକ ହେବ ଏହି ହାଟ ବଇଣ୍ଡାରେ ହେଉଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ଜାଗା ସହ ପିଣ୍ଡି ବ୍ୟବସ୍ଥା କରାଯାଇଛି। ହେଲେ କେତେଜଣ ଅସାଧୁ ବ୍ୟବସାୟୀ ରାସ୍ତା କଡ଼ରେ ପସରା ମେଲାଉଥିବା ଯୋଗୁ ଅନ୍ୟ ବ୍ୟବସାୟୀ ଓ ଚାଷୀମାନେ ରାସ୍ତା କଡରେ ବସି ପରିବା ବିକ୍ରି କରୁଛନ୍ତି। ୫୫ ନମ୍ବର ଜାତୀୟ ରାଜପଥ କଡରେ ଏହି ହାଟ ହେଉଥିବାରୁ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗାଡି ଯାତାୟାତରେ ବ୍ୟାପକ ଅସୁବିଧା ଉପୁଜୁଛି। ନୁନୁକାପଶି ପଞ୍ଚାୟତ ଅଧୀନରେ ଥିବା ହାଟ ପାଇଁ ଅନେକ ପିଣ୍ଡି ନିର୍ମାଣ କରାଯାଇଛି। ରାସ୍ତା ଉପରେ କୌଣସି ବ୍ୟବସାୟୀ ନ ବସିବା ପାଇଁ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ତଥାପି ଅସାଧୁ ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ବସୁଥିବା ଯୋଗୁ ସମସ୍ୟା ଦେଖାଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ରାସ୍ତା ପାର୍ଶ୍ୱରୁ ହାଟ ସ୍ଥାନାନ୍ତର କରିବା ପଞ୍ଚାୟତ ପକ୍ଷରୁ ବାରମ୍ବାର ବଇଣ୍ଡା ଫାଣ୍ଡି ପୋଲିସକୁ ଅବଗତ କରାଯାଉଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ବଇଣ୍ଡା ଅଞ୍ଚଳରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଯାଉଥିଲେ ମଧ୍ୟ ଛକରେ ଫାଣ୍ଡି ପୋଲିସ ପକ୍ଷରୁ କୌଣସି କର୍ମଚାରୀଙ୍କୁ ମୁତୟନ କରାଯାଉ ନାହିଁ। ଅନୁଗୋଳ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି ଏଥିପ୍ରତି ଦୃଷ୍ଟି ଦିଆଯିବ।



# ନିଜ ବଳରେ ଲଢୁଛନ୍ତି ଢେଙ୍କାନାଳ କଂଗ୍ରେସ ପ୍ରାର୍ଥୀ

## ପ୍ରଚାର ପାଇଁ ଆସୁନାହାନ୍ତି ଷ୍ଟାର ପ୍ରଚାରକ

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ତେବେ ୨୩ ତାରିଖରେ ପ୍ରଚାର ପର୍ବ ଶେଷ ହେବ। ତେଣୁ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବାକୁ ବିଭିନ୍ନ ଦଳ ହାତରେ ଆଉ ମାତ୍ର ୪ ଦିନ ରହିଲା। ଏହାକୁ ଦୃଷ୍ଟିରେ ରଖି ବିଜେଡି ଓ ଭାଜପା ପକ୍ଷରୁ ପ୍ରଚାରକୁ ଜୋର୍‌ଦାର କରାଯାଇଛି। ଭାଜପା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବାକୁ ଦଳର ହେଭିୱେଟ୍ ତଥା ଷ୍ଟାର ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ତାରିଖରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଅନୁଗୋଳ ଜିଲା ନାଲ୍‌କୋ ଆସୁଥିବା ବେଳେ ଆଗାମୀ ଦିନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅନୁଗୋଳ, କାମାକ୍ଷାନଗର ଓ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀର ମଧ୍ୟସ୍ଥଳ ବାଟଗାଁ ଆସିବାର କାର୍ଯ୍ୟସୂଚୀ ରହିଛି। ସେହିପରି



ବିଜେଡି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଢେଙ୍କାନାଳ ଏବଂ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିସାରିଛନ୍ତି। କିନ୍ତୁ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଜଣେ କହି ଷ୍ଟାର ପ୍ରଚାରକ ବର୍ତ୍ତମାନ ସୁଦ୍ଧା ଆସି ନ ଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଫଳରେ ଏଠାକାର କଂଗ୍ରେସ ପ୍ରାର୍ଥୀମାନେ ନିଜ ବଳରେ ୨୦୨୪ ନିର୍ବାଚନ ଲଢୁଥିବା ସାଧାରଣରେ ଆଲୋଚନା ହେଉଛି।

ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଷ୍ଟାର ପ୍ରଚାରକ ଭାବେ ବରିଷ୍ଠ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ସଚିନ ପାଇଲଟ୍ ପ୍ରମୁଖ ପ୍ରଚାର କରୁଥିବା ବେଳେ ଢେଙ୍କାନାଳ ଲୋକ ସଭା କ୍ଷେତ୍ରକୁ ଜଣେ ହେଲେ ଷ୍ଟାର ପ୍ରଚାରକ ବର୍ତ୍ତମାନ ସୁଦ୍ଧା ଆସିନାହାନ୍ତି। ଢେଙ୍କାନାଳ ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସସ୍ମିତା ବେହେରା ନିଜ ସମର୍ଥକଙ୍କ ଗହଣରେ ବିଭିନ୍ନ ଅଞ୍ଚଳରେ ପ୍ରଚାର କରୁଥିବା ଦେଖାଯାଇଛି।

ସେହିପରି ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ସିଂହଦେଓ ମଧ୍ୟ ନିଜ ସମର୍ଥକଙ୍କ ଗହଣରେ ପ୍ରଚାର କାର୍ଯ୍ୟ କରୁଥବା ବେଳେ ନିଜ ବ୍ୟାନରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ଫଟୋ ରଖିଥିବା ଦେଖାଯାଇଛି। ସେହିପରି ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାଏକ, କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ବିପ୍ରବର ସାହୁ, ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରଣଜିତ ସାହୁ ନିଜ ବଳରେ ସମର୍ଥକମାନଙ୍କୁ ନେଇ ପ୍ରଚାର ଜାରି ରଖିଛନ୍ତି। ଲୋକ ସଭା ପ୍ରାର୍ଥୀଙ୍କ ସହ ବିଭିନ୍ନ ସ୍ଥାନକୁ ଜିଲା କଂଗ୍ରେସ କମିଟିର ନେତୃବୃନ୍ଦ ଯାଉଥିବା ମଧ୍ୟ ଦେଖାଯାଇଛି। ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ କହିଛନ୍ତି, ଷ୍ଟାର ପ୍ରଚାରକ ଆଣିବା ପାଇଁ ଆଲୋଚନା ଚାଲିଛି। ସୋମବାର ସୁଦ୍ଧା ଏ ସମ୍ପର୍କରେ ଜଣାପଡିବ।

# ଅଗସ୍ତିଙ୍କ ପାଇଁ ଭୋଟ ମାଗିଲେ ସିଦ୍ଧାନ୍ତ

ଛେଣ୍ଡିପଦା,୧୯।୫ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ପାଇଁ ରବିବାର ଷ୍ଟାର ପ୍ରଚାରକ ସିଦ୍ଧାନ୍ତ ମହାପାତ୍ର ଭୋଟ ଭିକ୍ଷା କରିଛନ୍ତି। ଜରପଡା ଅଞ୍ଚଳରେ ଷ୍ଟାର ପ୍ରଚାରକ ସିଦ୍ଧାନ୍ତ ରୋଡ୍ ଶୋ' କରିବା ସହ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଗସ୍ତିଙ୍କ ପାଇଁ ପ୍ରଚାର କରିଥିଲେ। ଜରପଡା ମଣ୍ଡଳ ସଭାପତି ଚିତ୍ରସେନ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଞ୍ଚରା ଛକଠାରେ ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର କଞ୍ଚରା ଛକଠାରୁ ଆରମ୍ଭ ହୋଇଥିବା ଏହି ରୋଡ ଶୋ'ରେ ସିଦ୍ଧାନ୍ତ ସାମିଲ ହୋଇଥିଲେ। ଏହାପରେ କଞ୍ଚରା, ଡୁକୁଡା, ଓଗୀ, ପରା, ଜରପଡା, ଦୁର୍ଗାପୁର, କୋରଡା, ବାଲିପଟ୍ଟା, କୁକୁରପେଟା, ତେଣ୍ଟୁଲୋଇ ଆଦି ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଞ୍ଚରା ପଞ୍ଚାୟତ ସଭାପତି ଦୁଃଶାସନ ସାହୁ, ଅଜିତ ପ୍ରଧାନ, କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁ, ଚିତ୍ତରଞ୍ଜନ ଦାସ, ସରପଞ୍ଚ ଜ୍ୟୋସ୍ନାମୟୀ ପ୍ରଧାନ, ବିଦେଶୀ ବେହେରା, ସୁବୋଧ କୁମାର ପ୍ରଧାନ, ସସ୍ମିତା ସାହୁ, ପରାର ଜିତେନ୍ଦ୍ର ପ୍ରଧାନ, ବାଲିପଟା ସମିତିସଭ୍ୟା ସୁଚିତ୍ରା ଗଡନାୟକ, ପ୍ରମିଳା ପଲେଇ, ରେଣୁବାଳା ସାହୁ, ପ୍ରଦୋଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।



# ରମଣୀରଞ୍ଜନଙ୍କ ପ୍ରଚାର ଅଭିଯାନ

ଅନୁଗୋଳ,୧୯।୫ (ଅମିତ କୁମାର ସାମଲ)

ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ରମଣୀରଞ୍ଜନ ପ୍ରଧାନ ଅନୁଗୋଳ ବ୍ଲକର ଅନ୍ତୁଲିଆ, ଟାଇଁସି, ଜଗନ୍ନାଥପୁର, ପୁରୁଣାକୋଟ, ଟିକରପଡା, ମାଟିଆସାହି ପଞ୍ଚାୟତର ବିଭିନ୍ନ ଗାଁ ଗାଁରେ ପ୍ରଚାରକୁ ଜୋରଦାର କରିଛନ୍ତ। ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଜଳସେଚନ ଭଳି ମୌଳିକ ସମସ୍ୟାର ସମାଧାନ ଏବଂ ହାତୀ ଉପଦ୍ରବ ବନ୍ଦ ଦାବିରେ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ଏବଂ ଜନସାଧାରଣଙ୍କ ନ୍ୟାଯ୍ୟ ଦାବିକୁ ବିଧାନସଭାରେ ଦୃଢ଼ଭାବେ ଉପସ୍ଥାପନ ପାଇଁ ତାଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାର ଅଭିଯାନ ସମୟରେ ରମଣୀରଞ୍ଜନଙ୍କ ସହିତ ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ନାରୀନେତ୍ରୀ ସୁରୁଚି ପ୍ରଧାନ, ଫୁଲ ପ୍ରଧାନ, ରମେଶ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।




# ଉପାନ୍ତ ଅଞ୍ଚଳରେ ଅଶୋକଙ୍କ ପ୍ରଚାର



ପାଲଲହଡା,୧୯।୫(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ନିର୍ବାଚନମଣ୍ଡଳୀର ଉପାନ୍ତ ଅଞ୍ଚଳ ନଗିରା ଏବଂ ବରଡ଼ିହ ପଞ୍ଚାୟତର ଶିବିଡ଼ା, ବାଲିବାହାଳ, ନଗିରା, ରୁଗୁରଡି, କାଦମ୍ବିନୀପୁର, ସନ୍ଧାର, କୁଲଡିହା, ଜଲା, କଇରା ଏବଂ ବରଡ଼ିହି ପଞ୍ଚାୟତର ସଲେଇ, ବରଡ଼ିହ, ତନୁଗୁଲା, ରଡ଼ା, ବରୁଣ୍ଡିହ ଓ ସିଲକଳା ଆଦି ଗ୍ରାମ ଗସ୍ତ କରି ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇବା ସହିତ ଆଗାମୀ ନିର୍ବାଚନରେ ତାଙ୍କୁ ଏବଂ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ ମାଝି, ପର୍ଶୁରାମ ସାଉଁନ୍ତ, ନିସ୍ତାରା ଠାକୁର, ହରେକୃଷ୍ଣ ପ୍ରଧାନ, ଭୀମସେନ ମାଝି, ଗିରିଧାରୀ ଗଡ଼ନାୟକ, ବିକାଶ ନହରା, ଲିଟୁ ସାହୁ, ଅନ୍ତର୍ଯ୍ୟାମୀ ରାଉତ, ନିସ୍ତାରା ଠାକୁର, ନନ୍ଦ ଦେହୁରୀ, ମାନସ ବିଶ୍ୱାଳ, ହୀରାଲାଲ ପ୍ରଧାନ, ଭରତ ଦେହୁରୀ, ଶିବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ୟୁସିଆଇ ପକ୍ଷରୁ ନିର୍ବାଚନୀ ବୈଠକ

ଅନୁଗୋଳ,୧୯।୫ (ଅମିତ କୁମାର ସାମଲ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଭରତ କୁମାର ନାଏକ ଏବଂ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନବକିଶୋର ପ୍ରଧାନଙ୍କ ସମର୍ଥନରେ ଦୁର୍ଗାପୁର ଠାରେ ମାନସ ପାଳଙ୍କ ପରିଚାଳନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଭାଜପା ସରକାର ଓ ରାଜ୍ୟ ବିଜେଡି ସରକାର ଶସ୍ତା କଥା କହି ଭୋଟ୍ ହାତେଇବାକୁ ଆପ୍ରାଣ ଚେଷ୍ଟା କରିଚାଲଥିବା ବୈଠକରେ ସମାଲୋଚନା କରାଯାଇଥିଲା। ଏଣୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)କୁ ମଜଭୁତ କରିବା ସହ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଦଳର ପ୍ରାର୍ଥୀ ଭୋଟ୍ ଦେବାକୁ ବୈଠକରେ ଉପସ୍ଥିତ ଥିବା ସଙ୍ଗଠନର ଜିଲା ସମ୍ପାଦକ ଭିକାରୀ ପ୍ରଧାନ କର୍ମୀ ସଙ୍ଗଠକମାନଙ୍କୁ ଆହ୍ୱାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ରଣଜିତ୍ ପ୍ରଧାନ, ବରିଷ୍ଠ ସଙ୍ଗଠକ ଦୟାନିଧି ସାହୁ, ଚନ୍ଦନ ସାହୁ, ରବୀନ୍ଦ୍ର ସାହୁ, ଲମ୍ବୋଦର ପଣ୍ଡା, ସୁମନ୍ତ ସାହୁ, ଚରଣ ବେହେରା, ବିକ୍ରମ ସାହୁ, ପ୍ରତିମା ବେହେରା, ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଠମଲ୍ଲିକରେ କଂଗ୍ରେସର ରୋଡ ଶୋ'

ଆଠମଲ୍ଲିକ, ୧୯।୫(ଉଦୀପ୍ତ ପୁରୋହିତ)

ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ରବିବାର କଂଗ୍ରେସ ପକ୍ଷରୁ ଏକ ରୋଡ୍ ଶୋ' କରାଯାଇଛି। ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ଚାଉଳିଆ, ରାଜ୍ୟ କଂଗ୍ରେସ ଓବିସି ସେଲ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ, ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ ପ୍ରମୁଖ କିଆକଟା ଅଞ୍ଚଳର ବାରେଣି ଛକ ଠାରୁ ରୋଡ ଶୋ' ଆରମ୍ଭ କରିଥିଲେ। କନ୍ଧପଡା, ମାଧପୁର, କୁଦଗାଁ, ପୁରୁଣାମାଣତ୍ରି ପଞ୍ଚାୟତ ଦେଇ ସହର ମଧ୍ୟରେ ଏହି ରୋଡ୍ ଶୋ' ପ୍ରବେଶ କରିଥିଲା। ସହର ପରିକ୍ରମା କରି ପ୍ରାର୍ଥୀମାନେ ବିନିକେୟୀ ଅଭିମୁଖେ ଯାଇଥିଲେ। ସେଠାରେ ମା' ବିନିକେୟୀଙ୍କ ଦର୍ଶନ ସାରି ଏମ୍‌ପି ପ୍ରାର୍ଥୀ ପ୍ରଧାନ, ବିଧାୟକ ପ୍ରାର୍ଥୀ ଚାଉଳିଆ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ।



# ବାଗଡ଼ିଆରେ ବିଜେଡିର ମହିଳା ସମାବେଶ

ଛେଣ୍ଡିପଦା,୧୯।୫ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଠାରେ ରବିବାର ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଛେଣ୍ଡିପଦା ଓ କୋଶଳା ଠାରେ ଶକ୍ତି ପ୍ରଦର୍ଶନ କରାଯାଇଥିବା ବେଳେ ରବିବାର ବାଗଡିଆ ଗ୍ରାମ ପଞ୍ଚାୟତରେ ମହିଳାମାନଙ୍କୁ ନେଇ ବାଗଡିଆ ପଞ୍ଚାୟତ ସଭାପତି ରମେଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ମହିଳା ସମାବେଶ ଆୟୋଜନ କରାଯାଇଥିଲା। ଏହି ସମାବେଶରେ ଛେଣ୍ଡିପଦା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ତଥା ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ




ସମ୍ପର୍କରେ କହିଥିଲେ। ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ବିଜେଡି ସରକାର ସଂକଳ୍ପବଦ୍ଧ। ଅଞ୍ଚଳର ବିକାଶ ପାଇଁ ଚଳିତ ନିର୍ବାଚନରେ ଯୋଡିଶଙ୍ଖରେ ବିପୁଳ ମାତ୍ରା ଭୋଟ ଦେଇ ବିଜୁ ଜନତା ଦଳର ହାତ ମୁଠାକୁ ମଜଭୁତ କରିବା ପାଇଁ ନିବେଦନ କରିଥିଲେ। ଏହି ସମାବେଶରେ ୩୦୦ରୁ ଅଧିକ ମହିଳା ସାମିଲ ହୋଇଥିଲେ।

# ଭୋଟ ଭିକ୍ଷାକଲେ ମୁକେଶ ପାଳ

କଣିହାଁ,୧୯।୫, (ସଚ୍ଚିଦାନନ୍ଦ ପ୍ରଧାନ)

ପାଲଲହଡ଼ା ନିର୍ବାଚନମଣ୍ଡଳୀର କଣିହାଁ ବ୍ଲକର ବାଲିପଶି ଓ କୁଲୁମା ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ମୁକେଶ ପାଳ ରୋଡ୍ ଶୋ କରିଥିଲେ। ଏଥିସହ ଘର ଘର ବୁଲି ପଞ୍ଚାୟତବାସୀଙ୍କୁ ତାଙ୍କ ସହ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଜେଡିର ଏହି ବିଶାଳ ଶୋଭାଯାତ୍ରାରେ ଜିଲାପରିଷଦ ଉପସଭାପତି ରଶ୍ମିତା ସେଠୀ, କଣିହା ବ୍ଲକ ବିଜେଡି ଯୁବ ସଭାପତି ଗଗନ ବିହାରୀ ରାଉତ, ଦଳୀୟ କାର୍ଯ୍ୟକର୍ତ୍ତା, ନିର୍ବାଚିତ ଜନପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ।



# ୩ ପ୍ରମୁଖ ଦଳ ମଧ୍ୟରେ ହେବ କଡ଼ା ଟକ୍କର

## ପରଜଙ୍ଗ ବିଧାନସଭା କ୍ଷେତ୍ର

ପରଜଙ୍ଗ,୧୯।୫
(ନିଗମାନନ୍ଦ ଦଳବେହେରା)


ଡା. ନୃସିଂହ ଚରଣ ସାହୁ।


ବିଭୂତି ଭୂଷଣ ପ୍ରଧାନ।


ରଣଜିତ କୁମାର ସାହୁ।

ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ଅଳ୍ପକେ ବିଜୟ ପାଇଥିଲା ବିଜେଡି। ଭାଜପା ଏଠାରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ରହିଥିଲା। ହେଲେ ୨୦୨୪ ନିର୍ବାଚନରେ ସ୍ଥିତି ବଦଳିଛି। ଏଥର ନିର୍ବାଚନ ମଇଦାନରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସହ ମୋଟ ୯ ଜଣ ରହିଛନ୍ତି। ବିଜେଡିରୁ ୪ର୍ଥ ଥର ପାଇଁ ବିଧାୟକ ଡା. ନୃସିଂହ ଚରଣ ସାହୁ, ଭାଜପାରୁ ୪ର୍ଥ ଥର ପାଇଁ ବିଭୂତି ଭୂଷଣ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ କଂଗ୍ରେସ ପୂର୍ବଭଳି ପ୍ରାର୍ଥୀ ପରିବର୍ତ୍ତନ କରିଛି। କଂଗ୍ରେସ ଏଥର ଯୁବନେତା ରଣଜିତ କୁମାର ସାହୁଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ରୁ ଗଦାଧର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ କୁମାର ରାଉତରାୟ, ରଘୁ ସିଂହ, ପତିତପାବନ ମହାପାତ୍ର, ହିମାଂଶୁ ଭୂଷଣ ବାରିକ ଓ ଅଜୟ କୁମାର ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ମୁଖ୍ୟତଃ ୩ ପ୍ରମୁଖ ଦଳ ବିଜେଡି-ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଥିବା ଆଲୋଚନା ହେଉଛି।

୨୦୦୯ରେ ଗଠିତ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ, କଙ୍କଡ଼ାହାଡ଼ ବ୍ଲକର ୨୧ ଓ କାମାକ୍ଷାନଗର ବ୍ଲକର ୬ ପଞ୍ଚାୟତ ରହିଛି। ଏଠାରେ ଶିକ୍ଷା, ଉଠା ଜଳସେଚନ ପ୍ରକଳ୍ପ, ଗମନାଗମନ, ପାନୀୟ ଜଳ ଓ ବେରୋଜଗାର ଠାରୁ ଆରମ୍ଭ କରି ଅନେକ ସମସ୍ୟା ଥିବାରୁ ତାହାକୁ ପ୍ରସଙ୍ଗ କରି ଏଥର ୩ ପ୍ରମୁଖ ଦଳ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଡା. ସାହୁ ବିଜୟୀ ହୋଇଥିଲେ। ତେବେ ୨୦୧୯ରେ ଡା. ସାହୁ ଓ ବିଭୂତିଙ୍କ ମଧ୍ୟରେ ହାର୍-ଜିତି ବ୍ୟବଧାନ ଥିଲା ମାତ୍ର ୭୪୦ ଭୋଟ। ତେଣୁ ଏଥର ଏହି ବିଜୟ ବ୍ୟବଧାନ ବଢ଼ାଇବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଛି। ଦଳର ହେଭିୱେଟ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କାର୍ତ୍ତିକ ପାଣ୍ଡିଆନ ସଭାମାନ କରି ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେବାକୁ ନିବେଦନ କରିଥିବାବେଳେ ଭାଜପା ବିଜେଡିକୁ ରୋକିବାକୁ ଆବଶ୍ୟକ ପ୍ରସ୍ତୁତି ଚଳାଇଥିବା ଆଲୋଚନା ହେଉଛି। ଦଳର ଷ୍ଟାର ପ୍ରଚାରକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରର ମଙ୍ଗ ଧରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ଯୁବ ଚେହେରା ଭାବେ ଲଢୁଥିବା ରଣଜିତ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଓ ଭାଜପାକୁ ପଛରେ ପକାଇବାକୁ ଉଦ୍ୟମ କରୁଛନ୍ତି। ଏଯାଏ କଂଗ୍ରେସର ହେଭିୱେଟ୍ ପ୍ରଚାର ପର୍ବକୁ ଆସି ନ ଥିଲେ ମଧ୍ୟ ଆଗାମୀ ଦିନରେ ଆସିବାକୁ ଥିବା ଷ୍ଟାର ପ୍ରଚାରକଙ୍କୁ ନେଇ ଦଳ ଆଶାବାଦୀ ରହିଛି।

ଏ ସମ୍ପର୍କରେ ବିଜେଡି ପ୍ରାର୍ଥୀ ସାହୁ କହିଛନ୍ତି, ବିକାଶ ହିଁ ବିଜେଡିର ପରିଚୟ। ବିକାଶ ହୋଇଛି, ଆଗକୁ ଆହୁରି ହେବ। ଭାଜପା ପ୍ରାର୍ଥୀ ବିଭୂତି କହିଛନ୍ତି, ମୋଦିଙ୍କ ଗ୍ୟାରେଣ୍ଟି ଓ ଜନହିତକର ଯୋଜନାକୁ ନେଇ ଲୋକଙ୍କ ନିକଟକୁ ଯାଉଛୁ। କଂଗ୍ରେସ ପ୍ରାର୍ଥୀ ରଣଜିତ କହିଛନ୍ତି, ନିର୍ବାଚନମଣ୍ଡଳୀରେ ଥିବା ବେରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଲୋକଙ୍କ ନିକଟତର ହେଉଛନ୍ତି। କଂଗ୍ରେସ ଅଧିକ ଭୋଟ ପାଇବା ଯୋଜନାରେ ରହିଛି।

# ସାଂସ୍କୃତିକ ଧାରାର ଅନନ୍ୟ ପ୍ରତୀକ ଦଧିବାମନ ଜୀଉ ମଠ

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ତ୍ରୟୋଦଶ ସଂସ୍କରଣ ଅବସରରେ ପଦଯାତ୍ରୀ ଦଳ ରବିବାର ସହରସ୍ଥିତ ରଥଗଡ଼ା ନିକଟରେ ଥିବା ଶ୍ରୀଦଧିବାମନ ଜୀଉମଠ ପରିଦର୍ଶନ କରିଥିଲେ। ସକାଳ ୮ଟାରେ ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ମନ୍ଦିର ପୂଜକମାନେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଏହି ମଠ ଢଙ୍କାନାଳ ସାଂସ୍କୃତିକ ଧାରାର ଏକ ଅନନ୍ୟ ପ୍ରତୀକ ଭାବରେ ଶତାଧିକ ବର୍ଷଧରି ତା'ର ଗୌରବ ବଜାୟ ରଖିଥିବା ଗବେଷକ ମାନଙ୍କ ତଥ୍ୟରୁ ଜଣାପଡିଛି।

ବିଶିଷ୍ଟ ପୌରାଣିକ ଗବେଷକ ଆର୍ଯ୍ୟରତ୍ନ ଚକ୍ରଧର ସୂଚନା ପ୍ରଦାନ କରି କହିଲେ, ଅଷ୍ଟାଦଶ ଶତାବ୍ଦୀର ଏହି ଗୌଡୀୟ ବୈଷ୍ଣବ ପରମ୍ପରା ମଠର


ଦଧିବାମନ ଜୀଉ ମଠ।

ଐତିହ୍ୟ ଓ ପରମ୍ପରା ମହାନ୍। ପ୍ରାୟ ୧୧୫ ବର୍ଷ ପୂର୍ବରୁ ଢେଙ୍କାନାଳ ଗଡ଼ରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହେଉଥିଲା ସେହି ସମୟରେ ମଠରେ ପୂଜିତ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ରଥାରୂଢ ହୋଇ ଘୋଡାଡିଆଁ ପାଟଣା ତଥା ବର୍ତ୍ତମାନର ମୀନାବଜାରସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଥିଲେ। ୧୯୦୯ ମସିହଠାରୁ ଏହି ଚତୁର୍ଦ୍ଧାମୂର୍ତ୍ତି ଆଉ ରଥଯାତ୍ରାରେ ସାମିଲ ହେଉ ନ ଥିଲେ। ଜଗନ୍ନାଥଙ୍କ ଅନ୍ୟ ପର୍ବପର୍ବାଣୀଗୁଡିକ ଏଠାରେ ଅତ୍ୟନ୍ତ ଭକ୍ତିର ସହକାରେ ପାଳନ କରାଯାଇଥାଏ। ପ୍ରାୟ ୫୦ଫୁଟ ଉଚ୍ଚ କଳିଙ୍ଗ ଶିଳ୍ପ କଳାର ଏହି ପୀଠ ଦେଉଳଟି ଖାକରା ଶୈଳୀରେ ନିର୍ମିତ। ମୁଖଶାଳାରେ ଗରୁଡସ୍ତମ୍ଭ ଓ ଗର୍ଭଗୃହରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉମାନଙ୍କ ଦିବ୍ୟ ପ୍ରତିମା ଅତ୍ୟନ୍ତ ଆକର୍ଷଣୀୟ। ମଠ ପରିସରରେ ସ୍ନାନ ମଣ୍ଡପ, ମଠର ପୂର୍ବତନ ମହନ୍ତମାନଙ୍କ ସମାଧି ଓ ଭାଗବତ ମଣ୍ଡପ ରହିଛି। ଏଠାରେ ବ୍ୟବସାୟିକ ଭିତ୍ତିରେ ଅନ୍ନ ମହାପ୍ରସାଦ ମିଳୁଥିବା ଯୋଗୁ ବର୍ଷତମାମ ଏଠାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳେ। ଅନ୍ୟପଟରେ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହାର ଅଭାବ ରହିଛି ବୋଲି ପଦଯାତ୍ରୀମାନେ ଅନୁଭବ କରିଥିଲେ। ଐତିହ୍ୟ ପଦଯାତ୍ରାର ଅବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆଇଆଇଏମ୍‌ସିର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ଆକାଶବାଣୀ ଯୋରନ୍ଦାର ପ୍ରସାରଣ ନିଷ୍ପାଦକ ରାଜୀବ କୁମାର ମାହୁନ୍ତ, ଶିକ୍ଷାବିତ୍ ବିପିନ ବିହାରୀ ପାଣି, ଅଧ୍ୟାପକ ଶାନ୍ତନୁ କୁମାର ନାୟକ, ରମେଶଚନ୍ଦ୍ର ପତି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ସୁନିତା ମହାପାତ୍ର, ଚନ୍ଦନ ପ୍ରଧାନ, ଜ୍ୟୋତିର୍ମୟୀ ସେଠୀ, ଦିବ୍ୟରଞ୍ଜନ ସାହୁ, ପୀୟୂଷ ଅଗ୍ରୱାଲ, ନିଖିଳେଶ ପାଢୀ ଓ ବିକାଶ ପ୍ରଧାନ ପମୁଖ ସାମିଲ ହୋଇଥିଲେ।

# ସଦର ବ୍ଲକ ଅଞ୍ଚଳରେ ସୁଧୀରଙ୍କ ଶୋଭାଯାତ୍ରା


ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର ସାମଲ ସଦର ବ୍ଲକ ଅଞ୍ଚଳରେ ନିର୍ବାଚନ ପ୍ରଚାର କରୁଛନ୍ତି।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁଧୀର କୁମାର ସାମଲ ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କ ସହିତ ମାରାଥନ ପ୍ରଚାର କରିଥିଲେ। ଏଥିସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ତାଳବରକୋଟ, ମାଣିପୁର, ସପ୍ତଶଯ୍ୟା ଓ ଶଙ୍କରପୁର ପଞ୍ଚାୟତ ଅଧୀନ ଗ୍ରାମଗୁଡିକରେ ପ୍ରଚାର କରିଥିଲେ। ବିଜେଡି ଇସ୍ତାହାର ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ବିଜୁଳି ବିଲ୍ ରଦ୍ଦ କରିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ଗୁରୁତ୍ୱ, ପାନୀୟଜଳ ସମସ୍ୟାର ସମାଧାନ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି ପ୍ରଚାର ସମୟରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସଦର ବ୍ଲକ ଅଧକ୍ଷା ରାଜଶ୍ରୀ ନାୟକ, ଜିଲା ବିଜେଡି ସମ୍ପାଦକ ରଞ୍ଜନ ନାୟକ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଜେଶସ ସାହୁ ପ୍ରମୁଖଙ୍କ ସମେତ ନେତୃବୃନ୍ଦ ସାମିଲ ହୋଇଥିଲେ।

# ମୃତକଙ୍କ ପରିବାରକୁ ଭେଟିଲେ ରୁଦ୍ର ପାଣି

ଓଡ଼ାପଡ଼ା,୧୯।୫(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ଥିବା ଜିଏମ୍‌ଆର୍ କମ୍ପାନୀର ଏକ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ମାନପୁର ଗ୍ରାମର ସଞ୍ଜୟ ସାହୁଙ୍କ ଅକାଳ ବିୟୋଗ ଘଟିଛି। ସଞ୍ଜୟ କାର୍ଯ୍ୟ କରୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ ମଧ ତାଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଠିକା ସଂସ୍ଥା ପକ୍ଷରୁ କରା ନ ଯିବା ଯୋଗୁ ତାଙ୍କର ଅକାଳ ବିୟୋଗ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଠିକା ସଂସ୍ଥାର ଏପରି ମନମୁଖି କାର୍ଯ୍ୟକୁ ଭାଜପା ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ବିରୋଧ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ପାଣି ମୃତକଙ୍କ ପରିବାରକୁ ଭେଟି ଗଭୀର ଶୋକ ପ୍ରକାଶ କରିଛନ୍ତି।



# ଗ୍ରୀଷ୍ମକାଳୀନ ନିଃଶୁଳ୍କ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଜିଲା ବ୍ୟାଡ୍‌ମିଣ୍ଟନ ଏକାଡେମୀ ଆନୁକୂଲ୍ୟରେ ସହରସ୍ଥିତ ନୂଆପୋଖରୀ ନିକଟସ୍ଥ ଇନ୍‌ଡୋର ଷ୍ଟାଡିୟମଠାରେ ରବିବାର ସନ୍ଧ୍ୟାରେ ଗ୍ରୀଷ୍ମକାଳୀନ ନିଃଶୁଳ୍କ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଓ ପ୍ରତିଭା ଚୟନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଚୟନ ହୋଇଥିବା କୁନିକୁନି ବ୍ୟାଡ୍‌ମିଣ୍ଟନ ପ୍ରତିଭା ଓ ପ୍ରଶିକ୍ଷଣରେ ସାମିଲ ଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପଦକ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗତ ୨୮ ତାରିଖକୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୧ଦିନ ଧରି ଚାଲିଥିଲା। ଶିବିରରେ ମୋଟ ୪୯ଜଣ ପ୍ରଶିକ୍ଷାର୍ଥୀ ସାମିଲ ଥିଲେ। ମୁଖ୍ୟକୋଚ୍ ମଳୟ ପଟ୍ଟନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ସହକାରୀ କୋଚ୍ ଆକାଶ ଦାସ ଓ ଗିରିଜା ଶଙ୍କର ପଟ୍ଟନାୟକ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଜିଲା



ଗ୍ରୀଷ୍ମକାଳୀନ ନିଃଶୁଳ୍କ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ।

ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ତଥା ବୌଦ୍ଧିକ ବିକାଶର ମୁଖ୍ୟ ମାଧମ। ଏଥିପ୍ରତି ଅଭିଭାବକମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ବ୍ୟାଡମିଟନ ଏକାଡେମୀର ସଭାପତି ପ୍ରତାପ ବରାଳ ସଭାପତିତ୍ୱ କରିଥିଲେ। ଶିବିରର ଇଭେଣ୍ଟ ମ୍ୟାନେଜର ତଥା ସଙ୍ଗଠନ ସମ୍ପାଦକ ଅଶୋକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିଶିବିରରେ ୭ବର୍ଷରୁ ୧୭ବର୍ଷ ପର୍ଯ୍ୟନ୍ତ ଉଭୟ ବାଳିକା ଓ ବାଳକଙ୍କୁ ୨ଟି ଭାଗରେ ପ୍ରଶିକ୍ଷଣ ଦିଆଯାଇଥିଲା। କୋଷାଧ୍ୟକ୍ଷ ସଞ୍ଜୀବ ଶତପଥୀ ସ୍ୱାଗତ ଭାଷଣ, ଉପସଭାପତି ହେମନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଦସ୍ୟ ପ୍ରଶାନ୍ତ ମିଶ୍ର, ରାଜେଶ ବେହେରା, ଶେଖ ମହସିମ୍, ମାନସ ସାହୁ, ଅରଜିତ ସାହୁ ଓ ଦେବାଶିଷ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମହିମା ଜ୍ୟୋତିଯାତ୍ରା ପାଇଁ ଗତିପଥ ଚୂଡ଼ାନ୍ତ

ଢେଙ୍କାନାଳ,୧୯।୫(ରତନ ନାୟାର)

ମହିମା ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ଚଳିତବର୍ଷର ଏକାଦଶତମ ମହିମା ଜ୍ୟୋତିଯାତ୍ରା ଆସନ୍ତା ଜୁନ୍ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଜ୍ୟୋତିଯାତ୍ରାର ଗତିପଥରେ ୨୧ ତାରିଖ ଶୁକ୍ରବାର ସନ୍ଧ୍ୟା ପରେ ତପୋବନ ପୀଠର ଅଖଣ୍ଡ ଜ୍ୟୋତି ମନ୍ଦିରରୁ ଜ୍ୟୋତି ଜାଗ୍ରତ କରାଯାଇ ବ୍ରହ୍ମଜ୍ୟୋତିଙ୍କୁ ଏକ ସୁସଜ୍ଜିତ ବିମାନରେ ଯୋରନ୍ଦା ମହିମାଗାଦି ପୀଠକୁ ଅଣାଯିବ। ସେଠାରେ ଜ୍ୟୋତି ସହ ସହଯାତ୍ରୀଗଣ ରାତ୍ରି ବିଶ୍ରାମ ନେବେ। ୨୨ ତାରିଖ ଶନିବାର ସକାଳ ୮ଟାରେ ଜ୍ୟୋତି ଯୋରନ୍ଦାରୁ ବେଲଟିକିରି ପହଞ୍ଚି ସେଠାର ଷ୍ଟେଟ୍ ବ୍ୟାଙ୍କ ଛକରୁ ଦାମୋଦରନାଳୀକୁ ଆସି ଶୋଭାଯାତ୍ରାରେ ଗ୍ରାମର ବିଭିନ୍ନ ସାହିବସ୍ତି ପରିକ୍ରମା କରିବେ। ଏହାପରେ ଧର୍ମସଭାର ଆୟୋଜନ କରାଯାଇ ସହଯାତ୍ରୀଙ୍କୁ ଗୋଷ୍ଠୀ ଭିକ୍ଷା ପ୍ରଦାନ କରାଯିବ। ଜ୍ୟୋତି ଚାଉଳିଆ ଖମାରଛକ ଦେଇ ଢେଙ୍କାନାଳ ଅଭିମୁଖେ ଯାତ୍ରା କରିବେ। ଢେଙ୍କାନାଳର ବାଜିଚୌକ ଛକରୁ କୋରିଆଁ ଛକ ଦେଇ ମୁଖ୍ୟ ରାସ୍ତାରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ବନ୍ଧା ଗ୍ରାମରେ ପହଞ୍ଚିବେ। ବନ୍ଧା ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା ସାରି ସାଧୁସନ୍ଥ ଓ ସହଯାତ୍ରୀବୃନ୍ଦ ଆୟୋଜିତ ଧର୍ମସଭାରେ ଯୋଗଦେବେ ଓ ସାୟଂକାଳୀନ ଭିକ୍ଷା ଗ୍ରହଣ କରିବେ। ଏହାପରେ ବ୍ରହ୍ମଜ୍ୟୋତି ଅନୁଗୋଳ ସହର ପୌରସଂସ୍ଥା ଛକରୁ ନତଡା ଗ୍ରାମଦେଇ ମହିତଳା ଛକରୁ ଅନୁଗୋଳ-ଛେଣ୍ଡିପଦା ମୁଖ୍ୟ ରାସ୍ତାରେ ନିଶା, ରାଇଧରଣ, ଗୋଳାଗାଡିଆ ଓ ଶିମିଳିସାହି ହୋଇ କୋଶଳାରେ ପହଞ୍ଚିବ। ସନ୍ଧ୍ୟା ସମୟରେ ବ୍ରହ୍ମଜ୍ୟୋତି କୋଶଳା ଗ୍ରାମରେ ପହଞ୍ଚିବା ପରେ କୋଶଳାର ବିଭିନ୍ନ ସାହିବସ୍ତି ରାତି ୧୧ଟା ଯାଏ ପରିକ୍ରମା କରି କୋଶଳା ରାମଚଣ୍ଡୀ ଭବନରେ ସହଯାତ୍ରୀଗଣ ବିଶ୍ରାମ ନେବେ। ୨୩ ତାରିଖ ରବିବାର ସକାଳେ କୋଶଳା ପରିକ୍ରମା ସହିତ ଗୋଷ୍ଠୀ ଭିକ୍ଷା ଗ୍ରହଣ କରିବେ। ଭିକ୍ଷା ଉପରାନ୍ତ ମହିମା ବ୍ରହ୍ମଜ୍ୟୋତି ପ୍ରଥମେ କୋଶଳା ନିକଟସ୍ଥ ବାଗଲକଟା ପରେ ବ୍ରାହ୍ମଣବିଲି, କଣିଡିହ, ବାଲିପଟା, ହଟିଆନାଳୀ, କିସିନ୍ଦା, ଗୋଳାସର, ଦୁର୍ଗାପୁର, ନାଉପଦା ଓ ବକଳା ଗ୍ରାମ ହୋଇ ପିତାଚରି ଗ୍ରାମରେ ପହଞ୍ଚିବେ। ସେଠାରେ ସାୟଂକାଳୀନ ଗୋଷ୍ଠୀ ଭିକ୍ଷା ଗ୍ରହଣ କରି ଶେଷରେ ଜରପଡା ଠାରେ ୫୫ନଂ ଜାତୀୟ ରାଜପଥରେ ବାହାରି ଢେଙ୍କାନାଳ ପ୍ରତ୍ୟାବର୍ତ୍ତନ କରିବେ। ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ଶ୍ରୀମଦ୍ ରଘୁନାଥ ବାବା, ସୁଶାନ୍ତ ବାବା, କରୁଣାକର ବାବା, ଜ୍ଞାନୀ ବାବା, ସନକ ବାବା, ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଚୂଡାନ୍ତ କାର୍ଯ୍ୟକ୍ରମ ବୈଠକରେ ଉପସ୍ଥିତ ଥିଲେ।

# ପୋଷ୍ଟାଲ ବାଲଟ୍‌ରେ ମତଦାନ



ପୋଷ୍ଟାଲ ବାଲଟ ମତଦାନ କେନ୍ଦ୍ରରେ ମତଦାତା ମତଦାନ କରୁଛନ୍ତି।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ନିର୍ବାଚନୀ ଓ ଅନ୍ୟ ଜରୁରୀ ସେବାରେ ନିୟୋଜିତ କର୍ମଚାରୀ ଏବଂ ବ୍ୟକ୍ତି ବିଶେଷ ରବିବାର ପୋଷ୍ଟାଲ ବାଲଟ ମାଧ୍ୟମରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୫୮, ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୪୫, ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧୧ ଓ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୬୨ଜଣ ମତଦାନ କରିଥିବା ସୂଚନା ମିଳିଛି। ଏଥିପାଇଁ ପୋଷ୍ଟାଲ ବାଲଟ ମତଦାନ କରିଥିବା ବ୍ୟକ୍ତି ବିଶେଷ ପୂର୍ବରୁ ଆବେଦନ କରିଥିଲେ।

# ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ କରି ଜ୍ୱାଇଁ ଗିରଫ

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ସହର କାଞ୍ଚନ ବଜାର ଅଞ୍ଚଳରେ ଶନିବାର ରାତିରେ ରମା ବେହେରା (୬୩)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ତାଙ୍କ ଜ୍ୱାଇଁ ପ୍ରକାଶ ସେଠୀ(୪୨)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ରମା କେତେଜଣ ମହିଳାଙ୍କ ସହିତ ବସିଥିବା ବେଳେ ହଠାତ୍ ପ୍ରକାଶ ଘଟଣାସ୍ଥଳକୁ ଆସି ଏକ ଟାଙ୍ଗିଆରେ ରମାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ରମାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୩୪୮।୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ବ୍ୟବସାୟୀଙ୍କ ପରଲୋକ

କାମାକ୍ଷାନଗର,୧୯।୫ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ୨ ନମ୍ବର ୱାର୍ଡ ମଢ଼ି ସାହିର ବ୍ୟବସାୟୀ ସୟଦ ମୁମତାଜ ଅଲ୍ଲୀ (୮୦)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଜଣେ ଅତ୍ୟନ୍ତ ଅମାୟିକ, ସରଳ ବ୍ୟକ୍ତି ଥିଲେ। ଅସୁସ୍ଥ ଶିଶୁଙ୍କୁ ଚେରମୂଳି ଔଷଧ ଦେଇ ଚିକିତ୍ସା କରୁଥିଲେ। ତାଙ୍କ ବିୟୋଗରେ ମଢିସାହି ସମେତ ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସମ୍ମାନାର୍ଥେ ରବିବାର ତରୁଣ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ ରଖାଯାଇଥିଲା। କାମାକ୍ଷାନଗର ମହାବିଦ୍ୟାଳୟ ନିକଟ କବରଖାନାରେ ତାଙ୍କୁ କବର ଦିଆଯାଇଥିଲା। ସେ ବୁଢା ଭାଇ ନାମରେ ସହରରେ ସମସ୍ତଙ୍କର ଅତି ପ୍ରିୟ ଥିଲେ। ଖବରପାଇ କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗରପାଳ ଧର୍ମାନନ୍ଦ ପରିଡା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ଆଠମଲ୍ଲିକ ଦଖଲ ଲକ୍ଷ୍ୟରେ ନଳିନୀକାନ୍ତ

## ଗଡ଼ ଭାଙ୍ଗିବାକୁ ସଞ୍ଜୀବଙ୍କ ପ୍ରୟାସ

ବଇଣ୍ଡା, ୧୯।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ଭୋଟଗ୍ରହଣ ହେବ। ଏଥିପାଇଁ ଆଠମଲ୍ଲିକରେ ରାଜନୀତି ସରଗରମ ହୋଇପଡ଼ିଥିବା ବେଳେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଲୋଚନା ହେଉଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତ, ଆଠମଲ୍ଲିକ ବ୍ଲକର ୨୪ ଓ ଅନୁଗୋଳ ବ୍ଲକର ୯ଟି ପଞ୍ଚାୟତ ରହିଛି। ଚଳିତବର୍ଷ ଯୁବ ଭୋଟରଙ୍କୁ ମିଶାଇ ମୋଟ୍ ୨ ଲକ୍ଷ ୯ ହଜାର ୬୫୯ ଭୋଟର ଅଛନ୍ତି। କଂଗ୍ରେସ ପକ୍ଷରୁ ହିମାଂଶୁ ଚାଉଳିଆ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ନଳିନୀକାନ୍ତ ପ୍ରଧାନ, ଭାଜପାରୁ ସଞ୍ଜୀବ ସାହୁ ଓ ଏସ୍‌ୟୁସିଆଇରୁ ରମଣିରଞ୍ଜନ ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ତେବେ କଂଗ୍ରେସ ଓ ଏସ୍‌ୟୁସିଆଇର ସଙ୍ଗଠନ ଏଠାରେ ସେପରି ସୁଦୃଢ଼ ନ ଥିବାରୁ


ନଳିନୀକାନ୍ତ ପ୍ରଧାନ।


ସଞ୍ଜୀବ ସାହୁ।

ଭାଜପା ଓ ବିଜେଡି ମଧ୍ୟରେ ଜୋର୍‌ଦାର ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ହେଲେ ଏହି ଲଢେଇକୁ ଅଧିକ ରୋଚକ କରିଛି ନେତାଙ୍କ ଦଳ ଡିଆଁ। ୨୦୧୯ରେ ବିଜେଡି ଟିକେଟ୍‌ରେ ବିଧାୟକ ହୋଇଥିବା ରମେଶ ସାଏ ଇତିମଧ୍ୟରେ ଭାଜପାରେ ସାମିଲ ହୋଇଛନ୍ତି। ତେବେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଜିଲା ସଭାପତି, ପୂର୍ବତନ ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କୁ ବିଜେଡି ନିଜ ସପକ୍ଷକୁ ଆଣି ଆଠମଲ୍ଲିକରେ ଭାଜପା ରଣନୀତିକୁ ଓଲଟପାଲଟ କରିଦେଇଥିବା କୁହାଯାଉଛି।

ଆଠମଲ୍ଲିକରେ ୨୦୦୦ ମସିହାରୁ ବିଜେଡି ଜିତି ଆସୁଥିବା ବେଳେ ଭାଜପା ଏଠାରେ ଖାତା ଖୋଲିପାରିନାହିଁ। ଦୀର୍ଘ ୨୩ ବର୍ଷ ହେବ ବିଜେଡି ନିଜ ଅକ୍ତିଆରରେ ଆଠମଲ୍ଲିକକୁ ରଖିଥିବା ବେଳେ ଏଥର ଏହି ଗଡ଼କୁ ଭାଜପା ଛଡ଼ାଇ ଆଣିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛି। ଭାଜପାରେ ସଞ୍ଜୀବଙ୍କ ସହ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଯୁବନେତା ଅର୍ଜ୍ଜୁନ ସାହୁ, ପ୍ରକାଶ ଡାଙ୍ଗ ହାତ ମିଳାଇ ପ୍ରଚାର କରୁଥିବା ବେଳେ ବିଜେଡି ପ୍ରାର୍ଥୀ ନଳିନୀକାନ୍ତଙ୍କ ସହ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ଭାଗୀରଥି ପ୍ରଧାନ, ଯୁବନେତା ସଂଗ୍ରାମ ମହାପାତ୍ର ମିଶି ପ୍ରଚାର କରୁଛନ୍ତି। ଉଭୟ ଦଳ ନିଜ ନିଜ ସରକାରର ସଫଳତା ବାର୍ତ୍ତା ବାଣ୍ଟି ଭୋଟରଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରୁଥିବା ବେଳେ କଂଗ୍ରେସ ପ୍ରାର୍ଥୀ କେନ୍ଦ୍ର ଓ ରାଜ୍ୟ ସରକାରକୁ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେଉଛନ୍ତି। ଏହି ବିଧାନସଭା ନିର୍ବାଚନମଣ୍ଡଳୀ ସମ୍ବଲପୁର ଲୋକ ସଭା ଅଧୀନରେ ଯାଉଥିବା ଯୋଗୁ ପୂରା ରାଜନୀତି ସରଗରମ ହୋଇପଡ଼ିଛି। ବିଧାନସଭାର ବିଭିନ୍ନ ଜୋନ୍‌ରେ ଭାଜପା ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଗସ୍ତ କରି ରୋଡ୍ ଶୋ' ସହ ବିଜୟ ସଂକଳ୍ପ ସମାବେଶ କରୁଛନ୍ତି। ଅନ୍ୟପଟେ ସମ୍ବଲପୁର ବିଜେଡି ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମଧ୍ୟ ଆଠମଲ୍ଲିକର ଅନେକ ଜୋନ୍‌ରେ କର୍ମୀ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ସଫଳତା ବଖାଣିବା ସହ ବିଜେଡି ସରକାର ଆସିଲେ ବିଜୁଳି ବିଲ୍ ଦେବାକୁ ପଡ଼ିବନି ବୋଲି ପ୍ରଚାର କରିଛନ୍ତି। ସେହିପରି ବିଜେଡିର ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୫ ତାରିଖରେ ଆଠମଲ୍ଲିକରେ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଆଠମଲ୍ଲିକରେ ସଭା କରି ନଳିନୀ ଓ ପ୍ରଣବଙ୍କ ବିଜୟ ପାଇଁ ବିଜେଡିକୁ ଭୋଟ ଦେବାକୁ ନିବେଦନ କରିସାରିଛନ୍ତି। ଏହା ବିଧାୟକ ପ୍ରାର୍ଥୀ ନଳିନୀକାନ୍ତଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

